# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 June - 2024**

**News Editor : *Itishree Singh Rathaur***

********************************

## ମୁଖ୍ୟ ସମ୍ବାଦ

- ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରକ୍ତଶିକୁଳୀ ରୋଗକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ନିଆଯାଉଛି; ରକ୍ତଶିକୁଳୀ ଦିବସ ଅବସରରେ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ରାଜ୍ୟରେ ଆରମ୍ଭ ହେଲା ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ
- ବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କଲେ ବିଜେପିର ବରିଷ୍ଠ ନେତ୍ରୀ ସୁରମା ପାଢ଼ୀ

ଏବଂ

- ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଆସନ୍ତା ୮ ତାରିଖରେ ଖୋଲିବା ନେଇ ଏଏସ୍‌ଆଇର ସୂଚନା

# ରକ୍ତଶିକୁଳୀ ଦିବସ

ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମାଧ୍ୟମରେ ସିକିଲ୍‌ସେଲ୍ ବା ରକ୍ତଶିକୁଳୀ ରୋଗକୁ ପ୍ରତିହତ କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ବିଶ୍ୱ ରକ୍ତଶିକୁଳୀ ଦିବସ ଅବସରରେ ଆଜି ଶ୍ରୀ ମୋଦୀ କହିଛନ୍ତି, ରକ୍ତଶିକୁଳୀ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଗତବର୍ଷ ରକ୍ତଶିକୁଳୀଜନିତ ରକ୍ତହୀନତା ଦୂରୀକରଣ ଅଭିଯାନ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିଲା। ସେ କହିଛନ୍ତି, ଏହି ଯୋଜନା ଅନ୍ତର୍ଗତ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି, ରୋଗକୁ ଚିହ୍ନଟ ଏବଂ ଉପଯୁକ୍ତ ସେବା ଯତ୍ନ ଉପରେ କାର୍ଯ୍ୟ କରାଯାଉଛି।

"ପ୍ରଗତି ମାଧ୍ୟମରେ ଆଶା : ରକ୍ତଶିକୁଳୀର ସେବାଯତ୍ନକୁ ବିଶ୍ୱସ୍ତରରେ ଆଗେଇନେବା"ର ବାର୍ତ୍ତା ନେଇ ଚଳିତବର୍ଷ ରକ୍ତଶିକୁଳୀ ଦିବସ ପାଳନ କରାଯାଉଛି।

ରାଜ୍ୟରେ ଆଜିଠାରୁ ରକ୍ତଶିକୁଳୀଜନିତ ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ଜିଲ୍ଲାରେ ରକ୍ତଶିକୁଳୀ ରୋଗର ନିରାକରଣ ନେଇ ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲ୍ଲାସ୍ତରୀୟ ଅଧିକାରୀ, ସିଡିପିଓମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି ।

୨୦୪୭ ମସିହା ସୁଦ୍ଧା ରକ୍ତଶିକୁଳୀ ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

# - Promo -

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଆଜି ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୁଷ୍ମାନ ଭାରତ ଅନ୍ତର୍ଗତ ରକ୍ତଶିକୁଳୀ, ରକ୍ତହୀନତା ନିରାକରଣ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**କେନ୍ଦୁଝର** ଜିଲ୍ଲା ସଦର ମହକୁମାସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରାଙ୍କିଠାରେ ବିଶ୍ୱ ସିକିଲସେଲ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ଚରଣ ନାୟକ ଯୋଗଦେଇ ସିକିଲ ସେଲ ରୋଗର ନିରାକରଣ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ।

**ବୌଦ୍ଧ** ଜିଲ୍ଲାରେ ମଧ୍ୟ ରକ୍ତଶିକୁଳୀ ରୋଗ ସଚେତନତା ଦିବସ ପାଳିତ ହୋଇଛି।

## ସୁରମା ପାଢ଼ୀ–ବାଚସ୍ପତି

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନର ଅନ୍ତିମ ଦିବସରେ ଆସନ୍ତାକାଲି ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ପ୍ରାର୍ଥିପତ୍ର ଦାଖଲର ଧାର୍ଯ୍ୟ ସମୟ ସୁଦ୍ଧା ଭାରତୀୟ ଜନତା ପାର୍ଟିର ସୁରମା ପାଢ଼ୀ ଏକମାତ୍ର ପ୍ରାର୍ଥି ହିସାବରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଜେପି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ରଣପୁର ବିଧାୟିକା ସୁରମା ପାଢ଼ୀଙ୍କୁ

ବାଚସ୍ପତି ପଦ ପାଇଁ ମନୋନୀତ କରାଯାଇଥିଲା । ସୂଚନାଯୋଗ୍ୟ, ଶ୍ରୀମତୀ ପାଢ଼ୀ ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି-ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ଥିଲେ ।

ଅପରପକ୍ଷରେ, ବିଧାନସଭାର ସ୍ୱତନ୍ତ୍ର ଅଧିବେଶନର ଆଜି ଦ୍ୱିତୀୟ ଦିନରେ ଅବଶିଷ୍ଟ ୪୫ ଜଣ ନବ ନିର୍ବାଚିତ ବିଧାୟକ ଶପଥ ଗ୍ରହଣ କରଛନ୍ତି। ଅଧିବେଶନର ପ୍ରଥମ ଦିନରେ ଗତକାଲି ୧୦୨ ଜଣ ବିଧାୟକ ଭାବେ ଶପଥ ନେଇଥିଲେ। ବିଧାନସଭାର କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବ ନିର୍ବାଚିତ ବିଧାୟକମାନଙ୍କୁ ଶପଥପାଠ କରାଇଥିଲେ ।

## ବିଜେଡି ବୈଠକ

ଭୁବନେଶ୍ୱର ଶଂଖ ଭବନରେ ଆଜି ବିଜେଡି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କୁ ସର୍ବସମ୍ମତିକ୍ରମେ ବିରୋଧୀ ଦଳର ନେତା ଭାବେ ନିର୍ବାଚିତ କରାଯାଇଛି । ସେହିଭଳି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିରୋଧୀ ଦଳର ଉପନେତା, ପ୍ରମିଳା ମଲ୍ଲିକଙ୍କୁ ମୁଖ୍ୟ ସଚେତକ ଏବଂ ପ୍ରତାପ କେଶରୀ ଦେବଙ୍କୁ ଉପ ମୁଖ୍ୟ ସଚେତକ କରିବାକୁ ନିଷ୍ପତ୍ତି ହୋଇଛି ।

## ରତ୍ନଭଣ୍ଡାର

ଶ୍ରୀମନ୍ଦିର ରତ୍ନଭଣ୍ଡାର ଆସନ୍ତା ୮ ତାରିଖରେ ଖୋଲାଯିବ ବୋଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଅଧିକ୍ଷକ ଡି.ବି. ଗଡନାୟକ ସୂଚନା ଦେଇଛନ୍ତି। କୋର୍ କମିଟି ଓ ବୈଷୟିକ କମିଟି ସଦସ୍ୟଙ୍କ

ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ। ରତ୍ନଭଣ୍ଡାର ବାହାରପାର୍ଶ୍ୱ କାନ୍ଥ ଲେଜର ସ୍କାନିଂ କରାଯାଇଛି। ରତ୍ନଭଣ୍ଡାର ଅନୁଧ୍ୟାନ ଓ ଯାଂଚ ପାଇଁ ଏଏସ୍ଆଇ ପକ୍ଷରୁ ୧୪ ଜଣ ସଦସ୍ୟଙ୍କୁ ନେଇ କମିଟି ଗଠନ ହୋଇଛି। ୨୦୧୮ ମସିହାର ଯାଂଚ ରିପୋର୍ଟ ଅନୁସାରେ ରତ୍ନଭଣ୍ଡାର ବାହାର ଓ ଭିତର ଯାହାକିଛି ସମସ୍ୟା ରହିଛି ତାକୁ ମରାମତି କରାଯିବା ସହ ରତ୍ନଭଣ୍ଡାର ଭିତରେ ଥିବା ସ୍ୱର୍ଣ୍ଣ ଅଳଙ୍କାରର ମଣୋତି କରାଯିବ। ତେବେ ଶ୍ରୀମନ୍ଦିର ପ୍ରଶାସନ ପଶାୟତ କମିଟିର ଉପସ୍ଥିତିରେ ଏଏସ୍ଆଇ ଟିମ୍ ୮ ଦିନ ମଧ୍ୟରେ ଏହି କାର୍ଯ୍ୟକୁ ସମାପ୍ତ କରିବାକୁ ଚେଷ୍ଟା କରିବ ବୋଲି ସୂଚନା ରହିଛି।

ସୂଚନା ଅନୁସାରେ, ଆସନ୍ତା ୭ ତାରିଖରେ ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହେବ।

## ରଥଯାତ୍ରା ପରିଚାଳନା ବୈଠକ

**ପୁରୀ** ରଥଯାତ୍ରାର ସୁପରିଚାଳନା ପାଇଁ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟିର ବୈଠକ ଆଜି ଅନୁଷ୍ଠିତ ହୋଇଛି। ବୈଠକରେ ଶୃଙ୍ଖଳିତ ରଥଯାତ୍ରା ଓ ସ୍ନାନପୂର୍ଣ୍ଣିମା ନୀତି ନିର୍ଘଣ୍ଟ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ  ଉପରେ ଆଲୋଚନା ହୋଇଥିଲା। ଏହାସହ ଚଳିତମାସ ୨୨ ତାରିଖରେ ସ୍ନାନପୂର୍ଣ୍ଣିମା ପଡୁଥିବାରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ସମ୍ପର୍କରେ ଆଲୋଚନା ହୋଇଥିଲା।  ତେବେ ରଥଯାତ୍ରା ନୀତିକାନ୍ତି ନେଇ ଆଗାମୀ ୨୫ ତାରିଖରେ ପୁଣି ଥରେ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯିବ।

## ଯୋଗଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗଦିବସ ଦଶମ ସଂସ୍କରଣ  ପୂର୍ବରୁ ସାମାଜିକ ଗଣମାଧ୍ୟମରେ ସସକାସନର ଭିଡିଓ ପୋଷ୍ଟ କରିଛନ୍ତି। ଭିଡ଼ିଓରେ ଏହି ଆସନର ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବକୁ ଦର୍ଶାଯିବା ସହ ଏହାକୁ କିଭଳି କରାଯିବ ସେ ନେଇ ବିସ୍ତୃତ ନିର୍ଦ୍ଦେଶାବଳୀ ରହିଛି। କୋଷ୍ଠକାଠିନ୍ୟରୁ ଆରାମ, ପିଠି ଯନ୍ତ୍ରଣା, କ୍ରୋଧ ଏବଂ ଚାପହ୍ରାସ କ୍ଷେତ୍ରରେ ଏହି ଆସନର ଗୁରୁତ୍ୱ ରହିଛି। ବାତ ରୋଗ ଏବଂ ଉଚ୍ଚରକ୍ତଚାପ ରୋଗୀମାନଙ୍କ କ୍ଷେତ୍ରରେ ଏହି ଆସନକୁ କଲାବେଳେ ସତର୍କତା ଅବଲମ୍ବନ କରିବାକୁ ଉପଦେଶ ଦିଆଯାଇଛି। ଦରକାର ପଡିଲେ ସେହି ରୋଗୀମାନେ ଏହି ଆସନରୁ ବିରତ ରହିବାକୁ ମଧ୍ୟ କୁହାଯାଇଛି।

## ଡିପ୍‌ଥେରିଆ ରୋଗର ଜିନ୍‌ମ୍ ସିକ୍ୱେନ୍ସିଂ

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗୀମାନଙ୍କର ଆଣ୍ଟିବଡି ପରୀକ୍ଷା କରାଯିବା ସହ ଡିପ୍‌ଥେରିଆ ବ୍ୟାକ୍‌ଟେରିଆର ଜିନମ୍ ସିକ୍ୱେନ୍ସିଂ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଣ୍ଟିବଡି ପରୀକ୍ଷା ପାଇଁ ରୋଗୀଙ୍କ ନମୁନା ପଠାଯାଇଥିବାବେଳେ ଜିନମ୍ ସିକ୍ୱେନ୍ସିଂ ପାଇଁ ଆଇ.ଏଲ୍.ଏସ୍. କିମ୍ବା ଆଇ.ସି.ଏମ୍.ଆର୍.କୁ ନମୁନା ପଠାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡିପ୍‌ଥେରିଆ ସ୍ଥିତି ନିୟନ୍ତ୍ରଣରେ ରହିଛି। ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି। ଡିପ୍‌ଥେରିଆ ରୋଗୀଙ୍କ ସଂଖ୍ୟା ୨୧ରେ ସ୍ଥିର ରହିଛି।

ଏହି କ୍ରମରେ ରାୟଗଡ଼ା ଜିଲା କାଶୀପୁରରେ ଡିପଥେରିଆ ରୋଗ ପ୍ରତିହତ ପାଇଁ ବୁଷ୍ଟର ଡୋଜ୍ ଦିଆଯାଉଛି। ଜିଲ୍ଲାର ମନୁଷ୍ୟପଦର ସହିତ ୮୦ଟି ଗାଁରେ ବୁଷ୍ଟର ଡୋଜ୍ ଦିଆଯାଉଥିବା ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ କହିଛନ୍ତି।

## ବିପର୍ଯ୍ୟୟ ବୈଠକ

**ନୟାଗଡ଼** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ଜିଲ୍ଲାସ୍ତରୀ ଟେବୁଲ୍ ଟପ୍ ପ୍ରୟୋଗାତ୍ମକ ଅଭ୍ୟାସ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପ୍ରାକ୍ ମୌସୁମୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବର୍ଗର ସମାଜସେବୀଙ୍କୁ ନେଇ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥାଏ। ବୈଠକରେ ଏନ୍.ଡି.ଆର.ଏଫ୍., ଓସ୍‌ଡମା, ଓ.ଡି.ଆର.ଏଫ୍, ଅଗ୍ନିଶମ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଏଏସ୍ ବଦଳି

ରାଜ୍ୟରେ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ୨୨ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ସେମାନଙ୍କ ନିଜ ବିଭାଗକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୨ ଜଣ ନୂଆ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ସତୀଶ ଚନ୍ଦ୍ର ସାମଲ

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିବାବେଳେ ବିନୋଦ ବିହାରୀ ସିଂଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ମିଳିଛି।

## ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ସକ୍ରିୟ ରହିଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ରାଜ୍ୟର ଆଉକିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ, ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମର ପ୍ରକୋପ ବଳବତ୍ତର ରହିଛି। ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆସନ୍ତାକାଲି ପାଇଁ ବଲାଙ୍ଗିର, ନୂଆପଡା ଓ ଝାରସୁଗୁଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

**********************************